ପ୍ରେସ୍ ନୋଟ୍

# ଆଜି ଅନୁଗୋଳ ଜିଲ୍ଲାରୁ ୩୩୬ଜଣ କରୋନା ପଜିଟିଭ ଚିହ୍ନଟ

## ପଜିଟିଭ ସଂଖ୍ୟା ୧୫୦୦୪ରେ ପହଞ୍ଚିଲା - ସୁସ୍ଥ ହେଲେ ୬୬ ଜଣ ।

ଅନୁଗୋଳ, ତା.୨୮.୦୪:- ଆଜି ଅନୁଗୋଳ ଜିଲ୍ଲାରେ ୩୩୬ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଥିବାର ଜଣାପଡିଛି । ସେହିପରି ଅନ୍ୟ ଜିଲ୍ଲାରୁ ଅନୁଗୋଳରେ ସ୍ୱାବ ନମୁନା ଦେଇଥିବା ବ୍ୟକ୍ତିମାନଂକ ମଧ୍ୟରୁ ୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇ ସମୁଦାୟ ଆକ୍ରାନ୍ତଂକ ସଂଖ୍ୟା ୩୨୯ ରେ ପହଂଚିଛି । ଅନୁଗୋଳ ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଂକ ମଧ୍ୟରେ ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ୫୬ଜଣ ( ୪୦ଜଣ ପୁରୁଷ ଓ ୧୬ଜଣ ମହିଳା), ତାଲଚେର ବ୍ଲକ୍ ଅଂଚଳରୁ ୪୫ଜଣ ( ୨୩ଜଣ ପୁରୁଷ ଓ ୨୨ ଜଣ ମହିଳା), କଣିହାଁ ବ୍ଲକ୍ ଅଂଚଳରୁ ୪୫ଜଣ ( ୩୫ଜଣ ପୁରୁଷ ଓ ୧୦ଜଣ ମହିଳା), ବଁଅରପାଳ ବ୍ଲକ୍ ଅଂଚଳରୁ ୪୫ଜଣ ( ୩୧ଜଣ ପୁରୁଷ ଓ ୧୪ଜଣ ମହିଳା), ଅନୁଗୋଳ ପୌରାଞ୍ଚଳରୁ ୪୩ଜଣ ( ୩୦ଜଣ ପୁରୁଷ ଓ ୧୩ଜଣ ମହିଳା), ତାଲଚେର ପୌରାଞ୍ଚଳରୁ ୩୬ଜଣ ( ୧୯ଜଣ ପୁରୁଷ ଓ ୧୭ଜଣ ମହିଳା), କିଶୋରନଗର ବ୍ଲକ୍ ଅଂଚଳରୁ ୨୨ଜଣ ( ୧୭ଜଣ ପୁରୁଷ ଓ ୫ଜଣ ମହିଳା), ପାଲଲହଡା ବ୍ଲକ୍ ଅଂଚଳରୁ ୧୭ଜଣ ( ୧୩ଜଣ ପୁରୁଷ ଓ ୪ଜଣ ମହିଳା), ଅନୁଗୋଳ ବ୍ଲକ୍ ଅଂଚଳରୁ ୧୫ଜଣ ( ୧୦ଜଣ ପୁରୁଷ ଓ ୫ଜଣ ମହିଳା) ,ଆଠମଲ୍ଲିକ ବ୍ଲକ୍ ଅଂଚଳରୁ ୯ଜଣ ( ୫ଜଣ ପୁରୁଷ ଓ ୪ଜଣ ମହିଳା) ଓ ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦରୁ ୩ଜଣ ( ୩ଜଣ ପୁରୁଷ) ଅଛନ୍ତି । ଚିହ୍ନଟ ହୋଇଥିବା ସମସ୍ତ ଲକ୍ଷଣଯୁକ୍ତ ଆକ୍ରାନ୍ତମାନଂକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଉଥିବା ବେଳେ ସ୍ୱଳ୍ପ ଲକ୍ଷଣଯୁକ୍ତ ଓ ଲକ୍ଷଣ ବିହିନ ଆକ୍ରାନ୍ତମାନଂକୁ ନିଜ ଘରେ Isolation ରେ ରଖାଯାଇ ନିରିକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ଆଜି ଅନୁଗୋଳ ଜିଲ୍ଲାରୁ ୬୬ ଜଣ ସୁସ୍ଥ ହୋଇଥିବାର ଥିବାର ଜଣାପଡିଛି ।

ଅପରାହ୍ନରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ କରୋନାର ସ୍ଥିତିକୁ ନେଇ ସମୀକ୍ଷା କରାଯାଇଥିଲା । କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ରୋଗୀମାନଂକୁ ତୁରନ୍ତ ହସପିଟାଲ ଆଣିବା ନିମନ୍ତେ ପ୍ରତ୍ୟେକ ବ୍ଲକ୍ ଓ ପୌରାଂଚଳରେ ଆବଶ୍ୟକ ଆମ୍ବୁଲାନସ୍ ମହଜୁଦ ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି ଆମ୍ବୁଲାନ୍ସ ଦାୟିତ୍ୱରେ ଜଣେ ଡାକ୍ତରଂକୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି । କୋଭିଡ ପରିକ୍ଷା ନିମନ୍ତେ ହେଉଥିବା RTPCR ରିପୋର୍ଟକୁ ଗୋଟିଏ ଦିନ ପରେ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ରିପୋର୍ଟକୁ ଭିତ୍ତିକରି ରୋଗୀମାନେ ତୁରନ୍ତ ଚିକିତ୍ସା ସେବା ପାଇପାରିବେ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ସମ୍ପ୍ରତି କୋଭିଡ-୧୯ ନିମନ୍ତେ ଉଦ୍ଦିଷ୍ଟ ଟୀକା ଜିଲ୍ଲା କଳା କେନ୍ଦ୍ର ଠାରେ ଲୋକମାନଂକୁ ଦିଆଯାଉଛି । ଜନସମାଗମକୁ ଦୃଷ୍ଟିରେ ରଖି ଆସନ୍ତା କାଲି ଠାରୁ ଟାମଡା କଲ୍ୟାଣ ମଣ୍ଡପ ଠାରେ ୨ ନମ୍ବର ଟୀକାକରଣ କେନ୍ଦ୍ର ଖୋଲାଯିବାକୁ ସ୍ଥିର ହୋଇଛି । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଅଭୟ କୁମାର ଦାଶ ଓ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକସଂଖ୍ୟା. ୨୩ ତା.୨୮.୦୪.୨୦୨୧ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଅନୁଗୋଳ